# ନିର୍ବାଚନ ଅଧିକାରୀ , କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ , କଟକ
## ନିର୍ବାଚନ କାର୍ଯ୍ୟସୂଚୀର ବିଜ୍ଞାପନ

**ନୋଟିସ ସଂଖ୍ୟା -** 02 **ତା-** ୧୪-୮-୨୦୨୨

ଓଡିଶା ସମବାୟ ସମିତି (କମିଟିର ନିର୍ବାଚନ) ନିୟମାବଳୀ, ୧୯୯୨ ର ନିୟମ(୫) ଅନୁଯାୟୀ, ରାଜ୍ୟ ସମବାୟ ନିର୍ବାଚନ କମିଶନଙ୍କ ବିଜ୍ଞପ୍ତି ନଂ ୨୫୭୩ SCEC/Election-II-4/2022 ତା- ୧୨.୦୮.୨୦୨୨ରିଖରେ ପ୍ରଦତ୍ତ କ୍ଷମତା ବଳରେ ଆମ୍ଭେ **ଶ୍ରୀ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କଟକ ତଥା ନିର୍ବାଚନ ଅଧିକାରୀ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ , କଟକ** , ସମସ୍ତ ସଭ୍ୟ /ସଭ୍ୟାଙ୍କ ଅବଗତି ନିମନ୍ତେ ଅନୁସୂଚୀ (କ) ପ୍ରକାରେ ନିର୍ବାଚନ କାର୍ଯ୍ୟକ୍ରମ ପ୍ରକାଶ କରୁଅଛୁ । ଉକ୍ତ ବ୍ୟାଙ୍କର ପରିଚାଳନା ପରିଷଦ ଗଠନ ନିମନ୍ତେ ୧୫ଟି ନିର୍ବାଚନ ମଣ୍ଡଳୀରୁ ଜଣେ ଲେଖାଏଁ ସଭ୍ୟ/ସଭ୍ୟାଙ୍କ ନିର୍ବାଚନ ଅନୁସୂଚୀ (ଖ) ପ୍ରକାରେ ଅନୁଷ୍ଠିତ ହେବ ।

## ଅନୁସୂଚୀ – (କ)

| କ୍ର. ନଂ | କାର୍ଯ୍ୟସୂଚୀ | ତାରିଖ | ସମୟ | ସ୍ଥାନ |
|---|---|---|---|---|
| ୧. | ପ୍ରାଥମିକ ଭୋଟର ତାଲିକା ପ୍ରକାଶନ (ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀ ପାଇଁ ସ୍ୱତନ୍ତ୍ର ଭାବେ) | ୧୯.୦୯.୨୦୨୨ ରିଖ ଠାରୁ ୨୨.୦୯.୨୦୨୨ | ପୂର୍ବାହ୍ନ ୧୧ ଘଟିକା ଠାରୁ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ ଏବଂ ସମସ୍ତ ଶାଖା କାର୍ଯ୍ୟାଳୟର ନୋଟିସ ବୋର୍ଡରେ |
| ୨. | ପ୍ରାଥମିକ ଭୋଟର ତାଲିକା ଉପରେ ନିର୍ବାଚନ ଅଧିକାରୀଙ୍କ ନିକଟରେ ପ୍ରମାଣ ସହ ଲିଖିତ ଅଭିଯୋଗ ଦାଖଲ | ୧୯.୦୯.୨୦୨୨ ରିଖ ଠାରୁ ୨୨.୦୯.୨୦୨୨ | ପୂର୍ବାହ୍ନ ୧୧ ଘଟିକାରୁ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ | ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), କଟକଙ୍କ କାର୍ଯ୍ୟାଳୟରେ |
| ୩. | ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଅଭିଯୋଗ ଶୁଣାଣି ଓ ନିଷ୍ପତ୍ତି | ୨୩.୦୯.୨୦୨୨ ରିଖ | ପୂର୍ବାହ୍ନ ୧୧ ଘଟିକାରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ | ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), କଟକଙ୍କ କାର୍ଯ୍ୟାଳୟରେ |
| ୪. | ଚୂଡାନ୍ତ ଭୋଟର ତାଲିକା ପ୍ରକାଶନ | ୨୫.୦୯.୨୦୨୨ ରିଖ | ପୂର୍ବାହ୍ନ ୧୧ ଘଟିକାରେ | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟର ନୋଟିସ ବୋର୍ଡରେ |
| ୫. | ନିର୍ବାଚନ ଅଧିକାରୀଙ୍କ ନିକଟରେ ନିର୍ଦ୍ଧାରିତ ଫିସ ଅମାନତ ସହ ମନୋନୟନ ପତ୍ର ଦାଖଲ | ୨୭.୦୯.୨୦୨୨ ରିଖ | ପୂର୍ବାହ୍ନ ୧୧ ଘଟିକାରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ | ଜିଲ୍ଲାପାଳ କଟକଙ୍କ ସମ୍ମିଳନୀ କକ୍ଷ (ପୁରାତନ) |
| ୬. | ମନୋନୟନ ପତ୍ରର ତାଲିକା ପ୍ରକାଶନ | ୨୭.୦୯.୨୦୨୨ ରିଖ | ଅପରାହ୍ନ ୫ ଘଟିକାରେ | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟର ନୋଟିସ ବୋର୍ଡରେ |
| ୭. | ମନୋନୟନ ପତ୍ର ଯାଞ୍ଚ ଓ ଏହା ଉପରେ ଉପଯୁକ୍ତ ପ୍ରମାଣ ସହ ଲିଖିତ ଅଭିଯୋଗ ଗ୍ରହଣ | ୨୮.୦୯.୨୦୨୨ ରିଖ | ପୂର୍ବାହ୍ନ ୧୧ ଘଟିକାରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ | ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), କଟକଙ୍କ କାର୍ଯ୍ୟାଳୟରେ |
| ୮. | ଅଭିଯୋଗ ଉପରେ ନିର୍ବାଚନ ଅଧିକାରୀଙ୍କ ଶୁଣାଣି | ୨୯.୦୯.୨୦୨୨ ରିଖ | ପୂର୍ବାହ୍ନ ୧୧ ଘଟିକାରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ | ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), କଟକଙ୍କ କାର୍ଯ୍ୟାଳୟରେ |
| ୯. | ଅଭିଯୋଗ ଖଣ୍ଡନ ଉପରେ ଶୁଣାଣି ଓ ନିର୍ବାଚନ ଅଧିକାରୀଙ୍କ ନିଷ୍ପତ୍ତି | ୩୦.୦୯.୨୦୨୨ ରିଖ | ପୂର୍ବାହ୍ନ ୧୧ ଘଟିକାରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ | ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), କଟକଙ୍କ କାର୍ଯ୍ୟାଳୟରେ |
| ୧୦. | ସଠିକ ପ୍ରାର୍ଥୀ ତାଲିକା ପ୍ରକାଶନ (ଚିହ୍ନ ସହିତ) | ୦୧.୧୦.୨୦୨୨ ରିଖ | ଅପରାହ୍ନ ୫ ଘଟିକାରେ | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟର ନୋଟିସ ବୋର୍ଡରେ |
| ୧୧. | ମନୋନୟନ ପତ୍ର ପ୍ରତ୍ୟାହର | ୦୨.୧୦.୨୦୨୨ ରିଖ | ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ | ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), କଟକଙ୍କ କାର୍ଯ୍ୟାଳୟରେ |
| ୧୨. | ଚୂଡାନ୍ତ ପ୍ରାର୍ଥୀ ତାଲିକା ସଂକେତ ସହ ପ୍ରକାଶନ | ୦୩.୧୦.୨୦୨୨ ରିଖ | ଅପରାହ୍ନ ୧ ଘଟିକାରେ | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟର ନୋଟିସ ବୋର୍ଡରେ |
| ୧୩. | ଆବଶ୍ୟକ ସ୍ଥଳେ ଭୋଟ ଗ୍ରହଣ | ୩୦.୧୦.୨୦୨୨ ରିଖ | ପୂର୍ବାହ୍ନ ୭ ଘଟିକାରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ | ରେଭେନ୍ସା କଲିଜିଏଟ ସ୍କୁଲ, ହାଇକୋର୍ଟ ଛକ, କଟକ |
| ୧୪. | ଭୋଟ ଗଣତି ଓ ଫଳାଫଳ ଘୋଷଣା | ୩୦.୧୦.୨୦୨୨ ରିଖ | ଭୋଟ ଗ୍ରହଣ ପରେ | ରେଭେନ୍ସା କଲିଜିଏଟ ସ୍କୁଲ, ହାଇକୋର୍ଟ ଛକ, କଟକ |

## ଅନୁସୂଚୀ –(ଖ)

| ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରୁ ଜଣେ ଲେଖାଏଁ ପ୍ରାର୍ଥୀ କମିଟିକୁ ନିର୍ବାଚିତ ହେବେ । | |
|---|---|
| ନିର୍ବାଚନ ମଣ୍ଡଳୀର ସଂଖ୍ୟା | କେଉଁ ବର୍ଗ ପାଇଁ ଉଦିଷ୍ଟ |
| ୧. | ଅଣସରଂକ୍ଷିତ (Unreserved) |
| ୨. | ଅନ୍ୟାନ୍ୟ ପଛୁଆବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) |
| ୩. | ଅନ୍ୟାନ୍ୟ ପଛୁଆବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) |
| ୪. | ଅଣସରଂକ୍ଷିତ (Unreserved) |
| ୫. | ଅନ୍ୟାନ୍ୟ ପଛୁଆବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) |
| ୬. | ଅନ୍ୟାନ୍ୟ ପଛୁଆବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) |
| ୭. | ଅନ୍ୟାନ୍ୟ ପଛୁଆବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) |
| ୮. | ଅନ୍ୟାନ୍ୟ ପଛୁଆବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) |
| ୯. | ଅନ୍ୟାନ୍ୟ ପଛୁଆବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) |
| ୧୦. | ଅନ୍ୟାନ୍ୟ ପଛୁଆବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ ମହିଳା (OBC/SEBC) (women) |
| ୧୧. | ଅନ୍ୟାନ୍ୟ ପଛୁଆବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) |
| ୧୨. | ଅଣସରଂକ୍ଷିତ (Unreserved) |
| ୧୩. | ଅନୁସୂଚିତ ଜାତି (Scheduled Caste) |
| ୧୪. | ଅନୁସୂଚିତ ଜାତି (Scheduled Caste) |
| ୧୫. | ମହିଳା (Women) |

ବି. ଦ୍ର :- (୧) ଚୂଡାନ୍ତ ଭୋଟର ତାଲିକାର କପି ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟରୁ ପ୍ରାଧିକୃତ ଅଧିକାରୀଙ୍କ ଠାରୁ ନିର୍ଦ୍ଧାରିତ ମୂଲ୍ୟରେ ସଭ୍ୟ/ସଭ୍ୟାମାନେ କିଣିପାରିବେ ।

(୨) ଇଚ୍ଛୁକ ପ୍ରାର୍ଥୀମାନେ ଦରଖାସ୍ତ ସହ ଟ. ୧୦/- ବ୍ୟାଙ୍କର ମୁଖ୍ୟ ଶାଖାରେ ଦାଖଲ କରି ବ୍ୟାଙ୍କର ଏଷ୍ଟାବ୍ଲିସମେଣ୍ଟ ବିଭାଗରୁ ମନୋନୟନ ପତ୍ର କ୍ରୟ କରିପାରିବେ ।

(୩) ସରଂକ୍ଷିତ ବର୍ଗ ନିମନ୍ତେ ଇଚ୍ଛୁକ ପ୍ରାର୍ଥୀମାନେ ନିର୍ବାଚନ ଫିସ ବାବଦକୁ ଟ. ୧୨୦/- ଓ ଅମାନତ ବାବଦକୁ ଟ. ୨୪୦/- ଓ ଅଣସରଂକ୍ଷିତବର୍ଗ ନିମନ୍ତେ ଇଚ୍ଛୁକ ପ୍ରାର୍ଥୀ ନିର୍ବାଚନ ଫିସ ବାବଦକୁ ଟ. ୬୦୦/- ଓ ଅମାନତ ବାବଦକୁ ଟ. ୧୨୦୦/- ପ୍ରାଧିକୃତ ଅଧିକାରୀଙ୍କ ନିକଟରେ ଦାଖଲ କରି ଉକ୍ତ ରସିଦକୁ ମନୋନୟନ ପତ୍ର ସହ ଦାଖଲ କରିବେ। (ମନୋନୟନ ପତ୍ର କ୍ରୟ ରସିଦ ଏଥିସହିତ ସଂଲଗ୍ନ କରାଯିବ ।)

(୪) ଭୋଟରମାନେ ଭୋଟଦାନ ସମୟରେ ଫଟୋ ଥିବା ପରିଚୟ ପତ୍ର ଯଥା: କିଷାନ କ୍ରେଡିଟ କାର୍ଡ , ଫଟୋ ପରିଚୟ ପତ୍ର , ଆଧାର କାର୍ଡ , ଡ୍ରାଇଭିଂ ଲାଇସେନ୍ସ, ପେନସନ ବହି କିମ୍ବା କେନ୍ଦ୍ର/ରାଜ୍ୟ ସରକାରଙ୍କ ପ୍ରଦତ୍ତ ଯେକୌଣସି ଫଟୋ ଥିବା ପରିଚୟ ପତ୍ର ଇତ୍ୟାଦି ଆଣିବେ ।

(୫) କୌଣସି ବ୍ୟକ୍ତି ଏକାଧିକ ସମିତିରେ ପ୍ରତିନିଧିତ୍ଵ କରୁଥିଲେ , କେବଳ ଗୋଟିଏ ସମିତି ପାଇଁ ନିର୍ବାଚନରେ ପ୍ରତିନିଧିତ୍ଵ କରିପାରିବେ, ତେଣୁ ସେ ଉକ୍ତ ସମିତିର ନାମ ଘୋଷଣା ପତ୍ର ମାଧ୍ୟମରେ ପ୍ରାଥମିକ ଭୋଟର ତାଲିକା ଉପରେ ଆପତ୍ତି ଅଭିଯୋଗ ସମୟରେ ଜଣାଇବେ , ନଚେତ ନିର୍ବାଚନ ଅଧିକାରୀ ଆଇନ ଅନୁସାରେ ନିଷ୍ପତ୍ତି ଗ୍ରହଣ କରିବେ ।

(ଶ୍ରୀ ପୂର୍ଣ୍ଣଚନ୍ଦ୍ର ମିଶ୍ର) ୧୮/୫/୨୦୨୨
**ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), କଟକ**
**ନିର୍ବାଚନ ଅଧିକାରୀ**
**କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଲି଼ଃ, କଟକ**

Election Officer
Cuttack Central Co.Op.Bank Ltd.
Cuttack

ପରିପତ୍ର ସଂଖ୍ୟା ୦୭.(ମଟ).  ତାରିଖ ୧୪-୮-୨୦୨୨

ଏହାର ନକଲ ସମ୍ପାଦକ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ ଙ୍କ ଅବଗତି ଓ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା । ଉକ୍ତ ନୋଟିସର ଏକକିତା ନକଲ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ ତଥା ଶାଖା କାର୍ଯ୍ୟାଳୟ ନୋଟିସ ବୋର୍ଡରେ ପ୍ରଦର୍ଶନ କରିବାକୁ ନିର୍ଦ୍ଦେଶ ଦିଆଗଲା ।

ନିର୍ବାଚନ ଅଧିକାରୀ
କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ , କଟକ

ପରିପତ୍ର ସଂଖ୍ୟା ୦୮ (୨).  ତାରିଖ ୧୪-୮-୨୦୨୨.

ଏହାର ଏକକିତା ନକଲ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃର କାର୍ଯ୍ୟକାରୀ ସୀମାରେଖାରେ ଥିବା ସମସ୍ତ ସହକାରୀ ନିବନ୍ଧକ, ସମବାୟ ସମିତି ସମୂହଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଓ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ପ୍ରଦର୍ଶିତ କରିବାକୁ ଅନୁରୋଧ କରାଗଲା ।

ନିର୍ବାଚନ ଅଧିକାରୀ
କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ , କଟକ

ପରିପତ୍ର ସଂଖ୍ୟା ୦୯ (୨)  ତାରିଖ ୧୪-୮-୨୦୨୨

ଏହାର ଏକକିତା ନକଲ ଉପନିବନ୍ଧକ, ସମବାୟ ସମିତି ସମୂହ, କଟକ ପ୍ରଭାଗ ୧ ଓ ୨ ଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ଓ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ପ୍ରଦର୍ଶିତ କରିବାକୁ ଅନୁରୋଧ କରାଗଲା ।

ନିର୍ବାଚନ ଅଧିକାରୀ
କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ , କଟକ

ପରିପତ୍ର ସଂଖ୍ୟା ୧୦ (୨)  ତାରିଖ ୧୪-୮-୨୦୨୨.

ଏହାର ଏକକିତା ନକଲ ଜିଲ୍ଲାପାଳ, କଟକ /ଜଗତସିଂହପୁର/କେନ୍ଦ୍ରାପଡ଼ା ଓ ଯାଜପୁରଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ଓ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ପ୍ରଦର୍ଶିତ କରିବାକୁ ଅନୁରୋଧ କରାଗଲା ।

ନିର୍ବାଚନ ଅଧିକାରୀ
କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ , କଟକ

ପରିପତ୍ର ସଂଖ୍ୟା ୧୧.(୨).  ତାରିଖ ୧୪-୮-୨୦୨୨.

ଏହାର ଏକକିତା ନକଲ ନିବନ୍ଧକ, ସମବାୟ ସମିତି ସମୂହ ଓଡିଶା , ଭୁବନେଶ୍ୱର / ସମ୍ପାଦକ ରାଜ୍ୟ ସମବାୟ ନିର୍ବାଚନ କମିଶନ ଓଡିଶା, ଭୁବନେଶ୍ୱରଙ୍କ ସଦୟ ଗୋଚରାର୍ଥେ ପ୍ରେରଣ କରାଗଲା ।

ନିର୍ବାଚନ ଅଧିକାରୀ
କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ , କଟକ